বশীর ওরফ্ এন্. পি. বশীত্

বনাম

কেরল রাজ্য

এপ্রিল 20,2004

[ কে. জি. বালক্রিষ্ণন এবং বি. এন্. শ্রীক্রিষ্ণা, ন্যায়মূর্ত্তিদ্বয় ]

*নিশা ঔষধ এবং মাদক দ্রব্য অধিনিয়ম, 1985 :*

*ধারা 21 এবং 27(2)-নিশা ঔষধ-ব্যক্তিগত ব্যবহার পাইঁ কুহাযাইছি-প্রমাণ করিবার দায়িত্ব-অভিযুক্ত ব্রাউনসুগার বিক্রি করুথিবার ধরাপড়িলা- তদারখ সময়রে তাঙ্ক পকেটরু ব্রাউনসুগার থিবা ছোট প্যাকেট উদ্ধার হোইথিলা-দোষী সাব্যস্তকরণ - যুক্তি করাযাইথিলা যে অভিযুক্তঙ্কঠারু উদ্ধার হোইথিবা 1.2 গ্রাম ব্রাউন সুগারর পরিমাণ ব্যক্তিগত ব্যবহার পাইঁ ব্যবহৃত হেউথিবা ধরি নিআযাউ এবং তাঙ্কু ধারা 27 অনুযায়ী কম্ দণ্ড দিআযাউ-নির্ণ্ণয় হোইথিলা, ধারা 27 র উপধারা (2) কু দৃষ্টিরে রখি অভিযুক্তঙ্ক উপরে এহা প্রমাণ করিবার ভার রহিছি যে তাঙ্কঠারু উদ্ধার হোইথিবা ব্রাউন্ সুগার ব্যক্তিগত ব্যবহার পাইঁ থিলা-ব্রাউন্ সুগার আবেদনকারীঙ্ক সার্ট পকেটরে রখাযাইথিলা এবং সে নিশা ঔষধ রখিথিবা কথা সম্পূর্ণ্ণ ভাবে অস্বীকার করিথিলে- যেতেবেলে Cr.P.C. র ধারা 313 অনুযায়ী পচরা গলা, সেতেবেলে তাঙ্কর কৌণসি নির্দ্দিষ্ট মামলা নথিলা যে ঔষধ তাঙ্ক ব্যক্তিগত ব্যবহার পাইঁ থিলা-অভিযুক্ত জণক নিজ ব্যক্তিগত ব্যবহার পাইঁ নিশাদ্রব্য নিজ পাখরে রখিথিলে বোলি প্রমাণ করিবা পাইঁ কৌণসি তথ্য নথিলা, যেতেবেলে প্রমাণ দর্শাউছি যে ছঅটি ছোট প্যাকেটরে নিশাদ্রব্য উপাদান রখাযাইথিলা এবং তাঙ্কু এক রাস্তারে দেখাযাইথিলা, যাহা স্পষ্ট ভাবরে দর্শাউথিলা যে সে তাঙ্ক গ্রাহকঙ্ক পাইঁ অপেক্ষা করিথিলে- সেহি পৃষ্ঠভূমিরে, এহা কুহাযাইপারিব নাহিঁ যে ধারা 27র সুবিধা পাইবাকু অভিযুক্ত হকদার থিলে-উচ্চ ন্যায়ালয় সঠিক ভাবে নির্ণ্ণয় করিছন্তি যে তদন্ত অধিকারী ধারা 42 এবং 50র ব্যবস্থাগুড়িকু কডাকডি ভাবরে পালন করিথিলে /*

*ଆଲପେସ କୁମାର ବନାମ ରାଜସ୍ଥାନ ରାଜ୍ୟ*, **JT (2002) 10 SC 219 ଏବଂ** *ଗୌଟର ଏଡୱିନ, କିର୍ଟର ବନାମ ଗୋଆ ରାଜ୍ୟ, ସଚିବାଳୟ ପାଣାଜୀ*, **JT (1993) 2 SC 285, ପ୍ରଭେଦ କରାଗଲା ।**

ଅପରାଧିକ ଆବେଦନ ଅଧିକାରିତା : ଅପରାଧିକ ଆବେଦନ ସଂଖ୍ୟା 1334/2002 ।

Crl. A. ସଂଖ୍ୟା 269/2001C ରେ କେରଳ ଉଚ୍ଚ ନ୍ୟାୟାଳୟର 11.9.2001 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଟି. ଏନ୍. ସିଂ, ଶିଆମ୍ ନାରାୟଣ ସିଂ, କୁମାରୀ ଆଶା ଗୋପାଳନ୍ ନାୟାର, ଶ୍ରୀମତୀ ବି. ସୁନୀତା ରାଓ ଏବଂ ଶାକିଲ୍ ଅହମ୍ମଦ ସୟିଦ୍ ।

ଉତ୍ତରଦାତାଙ୍କ ପକ୍ଷରୁ କେ. ଆର. ଶଶିପ୍ରଭୁ, ରମେଶ ବାବୁ, କୁମାରୀ ସୁଷମା ସୁରୀ, ସୁବ୍ରମୋଣିୟମ ପ୍ରସାଦ ଏବଂ କୁମାରୀ ବିଭା ଦତ୍ତ ମଖିଜା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଆବେଦନକାରୀଙ୍କୁ NDPS ଅଧିନିୟମର ଧାରା 21 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି । ସ୍ୱତନ୍ତ୍ର ବିଚାରପତି ତାଙ୍କୁ 10 ବର୍ଷ ପାଇଁ ଜେଲଦଣ୍ଡ ଏବଂ 1 ଲକ୍ଷ ଟଙ୍କା ଜୋରିମାନା ସହିତ, ଏହି ଖିଲାପରେ 6 ମାସ ପାଇଁ ଦଣ୍ଡାଦେଶ ଶୁଣାଇଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆବେଦନକାରୀଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ନେଇ ଆପତ୍ତି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ନିଶ୍ଚିତ କରିଥିଲେ ।

ଆବେଦନକାରୀଙ୍କ ବିରୋଧରେ ଅଭିଯୋଗ ମାମଲା ଥିଲା ଯେ 23.2.2000 ଅପରାହ୍ନ ପ୍ରାୟ 4ଟା 15 ମିନିଟରେ ଆବେଦନକାରୀ ବ୍ରାଉନସୁଗାର ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା । ନାଡାକାଭୁ ପୋଲିସ ଷ୍ଟେସନର PW-2 ସବ-ଇନ୍ସପେକ୍ଟର ପୋଲିସକୁ ସୂଚନା ମିଳିଥିଲା ଯେ କେହି ଜଣେ ବ୍ରାଉନସୁଗାର ବିକ୍ରି କରୁଥିଲେ ଏବଂ ସେ ଏହି ସୂଚନା ଲିପିବଦ୍ଧ କରିଥିଲେ, ଏହାର ନକଲ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଥିଲା ଏବଂ ପୋଲିସ ଦଳ ସହିତ ସେ ସ୍ଥାନକୁ ଯାଇଥିଲେ ଏବଂ ସେ ସେଠାରେ ଆବେଦନକାରୀଙ୍କୁ ପାଇଥିଲେ । PW-2 ଏବଂ ଅନ୍ୟମାନଙ୍କୁ ଦେଖିବା ପରେ, ଆବେଦନକାରୀ ସେହି ସ୍ଥାନରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ ଏବଂ PW-2 ତାଙ୍କୁ ଯିବାରୁ

ବାରଣ କରିଥିଲେ ଏବଂ କହିଥିଲେ ଯେ ଆବେଦନକାରୀ ତାଙ୍କ ସହିତ ବ୍ରାଉନ ସୁଗାର ନେଉଥିବା ସନ୍ଦେହ କରାଯାଉଥିଲା ଏବଂ ତାଙ୍କ ଶରୀରକୁ ଯାଞ୍ଚ କରାଯିବ । PW- 2 NDPS ଅଧିନିୟମର ଧାରା 50 ଅନୁଯାୟୀ ଆବେଦନକାରୀଙ୍କୁ ତାଙ୍କ ଅଧିକାର ବିଷୟରେ ଅବଗତ କରାଇଥିଲେ ଏବଂ ମାଜିଷ୍ଟ୍ରେଟ/ଗେଜେଟେଡ୍ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ଶରୀର ଯାଞ୍ଚ କରିବାର ବିଶେଷାଧିକାର ଆବେଦନକାରୀ ମନା କରିଦେଇଥିଲେ ଏବଂ ତେଣୁ ଏକ ଯାଞ୍ଚ କରାଯାଇଥିଲା ଏବଂ ଆବେଦନକାରୀଙ୍କ ପକେଟରୁ ଛୋଟ ପ୍ୟାକେଟଗୁଡ଼ିକ ଜବତ କରାଯାଇଥିଲା ଯେଉଁଥିରେ ବ୍ରାଉନସୁଗାର ମିଳିଥିଲା । PW- 2 ଏକ ମଜହର ପ୍ରସ୍ତୁତ କରିଥିଲେ ଏବଂ ପୁନରୁଦ୍ଧାର କରିଥିଲେ । ଏକ ପକ୍ଷରେ ଅଭିଯୋଗ ପକ୍ଷ Pw 1 ରୁ 3ଙ୍କୁ ପରୀକ୍ଷା କରାଯାଇଥିଲା । ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ଏହି ମାମଲାରେ ମିଥ୍ୟା ଭାବରେ ସମ୍ପୃକ୍ତ କରାଯାଇଛି ଏବଂ DW- 1 ଏବଂ DW- 2 ପରୀକ୍ଷା କରାଯାଇଥିଲା ବୋଲି ପ୍ରମାଣ କରିବା ପାଇଁ । Ext. P- 1 ଏବଂ P- 2 ଦସ୍ତାବିଜଗୁଡିକ ମଧ୍ୟ ଚିହ୍ନିତ କରାଯାଇଥିଲା । Ext. Pl/ରାସାୟନିକ ବିଶ୍ଳେଷକ ଦର୍ଶାଇଛନ୍ତି ଯେ ଆବେଦନକାରୀଙ୍କଠାରୁ ଉଦ୍ଧାର କରାଯାଇଥିବା ଜିନିଷଟି ବ୍ରାଉନସୁଗାର ଥିଲା ।

ଆବେଦନକାରୀ ଅଭିଯୋଗ କରିଥିଲେ ଯେ NDPS ଅଧିନିୟମର ଧାରା 50ର ଉଲ୍ଲଙ୍ଘନ ହୋଇଥିଲା ଏବଂ ସେ ମଧ୍ୟ ଯୁକ୍ତି ଦର୍ଶାଇଥିଲେ ଯେ ତାଙ୍କୁ ମିଥ୍ୟା ଭାବରେ ସମ୍ପୃକ୍ତ କରାଯାଇଥିଲା । ଏହି ଉଭୟ ଆବେଦନକୁ ସ୍ୱତନ୍ତ୍ର ବିଚାରପତି ତଥା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଆମେ ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଓକିଲଙ୍କ କଥା ଶୁଣିଲୁ । ଆବେଦନକାରୀଙ୍କ ଓକିଲ ଯୁକ୍ତି କରିଥିଲେ ଯେ ଆବେଦନକାରୀଙ୍କ ଠାରୁ ଜବତ କରାଯାଇଥିବା ବ୍ରାଉନସୁଗାରର ପରିମାଣ ମାତ୍ର 1.2 ଗ୍ରାମ ଥିଲା ଏବଂ ଏହା ଅଳ୍ପ ପରିମାଣ ହୋଇଥିବାରୁ ନ୍ୟାୟାଳୟ ଅନୁମାନ କରିବେ ଯେ ସେ ଏହାକୁ ବ୍ୟକ୍ତିଗତ ବ୍ୟବହାର ପାଇଁ ବ୍ୟବହାର କରିବାକୁ ଚାହୁଁଥିଲେ, ଏବଂ ତେଣୁ ତାଙ୍କୁ କେବଳ କମ୍ ଦଣ୍ଡ ପ୍ରଦାନ କରାଯିବା ଉଚିତ ଥିଲା, ଯାହା NDPS ଅଧିନିୟମ, 1985ର ଧାରା 27 ଅନୁଯାୟୀ କଳ୍ପନା କରାଯାଇଥିଲା । ବର୍ତ୍ତମାନର ମାମଲାରେ, ଆବେଦନକାରୀଙ୍କ ଠାରୁ ଉଦ୍ଧାର ହୋଇଥିବା ବ୍ରାଉନସୁଗାର ବ୍ୟକ୍ତିଗତ ବ୍ୟବହାର ପାଇଁ ଥିଲା ବୋଲି ଦର୍ଶାଇବା ପାଇଁ କୌଣସି ପ୍ରମାଣ ନାହିଁ । NDPS ଅଧିନିୟମର ଧାରା 27ର ଉପଧାରା (2) ନିର୍ଦ୍ଦିଷ୍ଟ ଭାବେ କହୁଛି ଯେ ଏହା ବ୍ୟକ୍ତିଗତ

ବ୍ୟବହାର ପାଇଁ ଥିଲା ବୋଲି ପ୍ରମାଣ କରିବାର ଭାର ଅଭିଯୁକ୍ତ ଉପରେ ରହିଛି । ଏହି ପରନ୍ତୁକର ପ୍ରଭାବ ନିମ୍ନରେ ଦିଆଗଲା:

> "ଯେଉଁଠାରେ ଜଣେ ବ୍ୟକ୍ତି ଅଳ୍ପ ପରିମାଣର ନିଶାଦ୍ରବ୍ୟ କିମ୍ବା ମାଦକ ଦ୍ରବ୍ୟ ରଖିଥିବା ଦର୍ଶାଯାଇଛି, ସେପରି ପ୍ରମାଣ କରିବାର ଦାୟିତ୍ୱ ଯେ ଏହା ବିକ୍ରୟ କିମ୍ବା ବିତରଣ ପାଇଁ ନୁହେଁ, ଏପରି ବ୍ୟକ୍ତିଙ୍କ ବ୍ୟକ୍ତିଗତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା, ଏହିପରି ବ୍ୟକ୍ତିଙ୍କ ଉପରେ ରହିବ ।"

ଏଠାରେ ବ୍ରାଉନ୍ ସୁଗାରକୁ ଆବେଦନକାରୀଙ୍କ ସାର୍ଟ ପକେଟରେ ରଖାଯାଇଥିଲା ଏବଂ ଆବେଦନକାରୀ ନିଶାଦ୍ରବ୍ୟ ରଖିଥିବା କଥା ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଥିଲେ । ଯେତେବେଳେ Cr.P.Cରେ ଧାରା 313 ଅନୁଯାୟୀ ତାଙ୍କୁ ପଚରାଗଲା, ସେତେବେଳେ ତାଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ମାମଲା ନଥିଲା ଯେ ନିଶାଦ୍ରବ୍ୟ ତାଙ୍କ ବ୍ୟକ୍ତିଗତ ବ୍ୟବହାର ପାଇଁ ଥିଲା । ଆବେଦନକାରୀଙ୍କ ଓକିଲ *ଆଲପେସ କୁମାର ବନାମ ରାଜସ୍ଥାନ ରାଜ୍ୟ, JT(2002) 10 SC 219* ର ନିଷ୍ପତ୍ତି ଆମର ଧ୍ୟାନ ଆକର୍ଷଣ କରିଥିଲେ, ଯେଉଁଥିରେ ଏହି ନ୍ୟାୟାଳୟ ରାୟ ଦେଇଥିଲେ ଯେ ଏକ ନିର୍ଦ୍ଦିଷ୍ଟ ଆବେଦନର ଅନୁପସ୍ଥିତିରେ ମଧ୍ୟ ଯଦି ପରିସ୍ଥିତି ଦର୍ଶାଏ ଯେ ନିଶାଦ୍ରବ୍ୟ ବ୍ୟକ୍ତିଗତ ବ୍ୟବହାର ପାଇଁ ଥିଲା, ତେବେ ନ୍ୟାୟାଳୟ ଏକ ଅନୁମାନ କରିବାକୁ ସ୍ୱାଧୀନତା ପାଇବେ ଏବଂ ନିର୍ଣ୍ଣୟ କରାଗଲା ଯେ ଏହି ଦ୍ରବ୍ୟଟି ବ୍ୟକ୍ତିଗତ ବ୍ୟବହାର ପାଇଁ ଥିଲା । ସେହି ମାମଲାରେ, ଅଭିଯୁକ୍ତଠାରୁ ଦୁଇଟି ସିଗାରେଟ୍ ଆକାରରେ ନିଶାଦ୍ରବ୍ୟ ଜବତ କରାଯାଇଥିଲା ଏବଂ ନ୍ୟାୟାଳୟ ଅନୁମାନ କରିଥିଲେ ଯେ ଏଥିରେ ଥିବା ନିଶାଦ୍ରବ୍ୟ ତାଙ୍କ ବ୍ୟକ୍ତିଗତ ବ୍ୟବହାର ପାଇଁ ହୋଇଥାଇପାରେ । ନ୍ୟାୟାଳୟ ମଧ୍ୟ *ଗୌଣ୍ଟର୍ ଏଡୱିନ୍ କିର୍ଚର୍ ବନାମ ଗୋଆ ରାଜ୍ୟ, ସଚିବାଳୟ ପାଣାଜୀ,* JT (1993) 2 SC285 ମାମଲାରେ ଏହି ନ୍ୟାୟାଳୟର ପୂର୍ବ ନିଷ୍ପତ୍ତି ଉପରେ ନିର୍ଭର କରିଥିଲେ । ସେହି ମାମଲାରେ ଅଭିଯୁକ୍ତଙ୍କ ପାଖରେ ଏକ ଥଳିରେ ନିଶାଦ୍ରବ୍ୟ ଥିଲା, ତା ସହିତ ଏକ ଚିଲମ (ଧୂମପାନ ପାଇପ୍) ଏବଂ ଧୂମପାନ ସାମଗ୍ରୀ ମଧ୍ୟ ଥିଲା ଏବଂ ବିଚାରଣ ନ୍ୟାୟାଳୟ ଦ୍ୱାରା ଆବେଦନରେ ଅଭିଯୁକ୍ତଙ୍କଠାରୁ ଉଦ୍ଧୃତ କରାଯାଇଥିବା ଦୃଢ କଥନରୁ ଜଣାପଡିଛି ଯେ ଏହା ତାଙ୍କ ବ୍ୟକ୍ତିଗତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା ।

ବର୍ତ୍ତମାନର ମାମଲାରେ, ଏହା ଦର୍ଶାଇବା ପାଇଁ କୌଣସି ତଥ୍ୟ ନଥିଲା ଯେ, ଅଭିଯୁକ୍ତ ଜଣକ ନିଜ ବ୍ୟକ୍ତିଗତ ବ୍ୟବହାର ପାଇଁ ନିଶାଦ୍ରବ୍ୟ ନିଜ ପାଖରେ ରଖିଥିଲେ ଯେତେବେଳେ ପ୍ରମାଣ

ଦର୍ଶାଉଛି ଯେ ଛଅଟି ଛୋଟ ପ୍ୟାକେଟରେ ନିଶାଦ୍ରବ୍ୟ ଉପାଦାନ ରଖାଯାଇଥିଲା ଏବଂ ତାଙ୍କୁ ଏକ ରାସ୍ତାରେ ଥିବା ଦେଖାଯାଇଥିଲା, ଯାହା ସ୍ପଷ୍ଟ ଭାବରେ ଦର୍ଶାଉଥିଲା ଯେ ସେ ତାଙ୍କ ଗ୍ରାହକଙ୍କ ପାଇଁ ଅପେକ୍ଷା କରିଥିଲେ I ସେହି ପୃଷ୍ଠଭୂମିରେ, ଆବେଦନକାରୀ NDPS ଅଧିନିୟମର ଧାରା 27ର ସୁବିଧା ପାଇବାକୁ ହକଦାର ଥିଲେ ବୋଲି ଯୁକ୍ତିକୁ ଆମେ ଗ୍ରହଣ କରିବାକୁ ଆଗ୍ରହୀ ନୁହଁ I ଉଚ୍ଚ ନ୍ୟାୟାଳୟ ସଠିକ ଭାବେ ନିର୍ଣ୍ଣୟ କରିଥିଲେ ଯେ ଯାଞ୍ଚ ଅଧିକାରୀ NDPS ଅଧିନିୟମର ଧାରା 42 ଏବଂ 50ର ବ୍ୟବସ୍ଥାଗୁଡିକୁ କଡାକଡି ଭାବେ ପାଳନ କରିଥିଲେ I ଆମେ ଆବେଦନରେ କୌଣସି ଯୋଗ୍ୟତା ପାଇନାହୁଁ ଏବଂ ସେହି ଅନୁଯାୟୀ ଆବେଦନକୁ ଖାରଜ କରାଯାଏ I

ଆବେଦନକାରୀ ଜାମିନରେ ଅଛନ୍ତି I ତାଙ୍କର ଜମାନତନାମା ବାତିଲ ହେବ ଏବଂ ତାଙ୍କୁ 3 ସପ୍ତାହ ମଧ୍ୟରେ ତାଙ୍କ ଜମାନତନାମାକୁ ସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ବିଫଳ ହେଲେ ସ୍ୱତନ୍ତ୍ର ବିଚାରପତି ତାଙ୍କୁ ଅବଶିଷ୍ଟ ଦଣ୍ଡ ଭୋଗିବା ପାଇଁ ଗିରଫ କରିବାକୁ ଉପଯୁକ୍ତ ପଦକ୍ଷେପ ନେବେ I

*ଆବେଦନକୁ ଖାରଜ କରାଗଲା I*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।